SAMBAD
ସମ୍ବାଦ

13th Feb 2020

# ରାସ୍ତାକୁ ୨୦ ବର୍ଷ ପର୍ଯ୍ୟନ୍ତ ଖାଲଖମାମୁକ୍ତ ରଖିବ ହ୍ୱାଇଟ୍ ଟପିଂ କୌଶଳ

ଭୁବନେଶ୍ୱର, ୧୨।୨ (ଭୁ.ପ୍ର): ସମଗ୍ର ଦେଶରେ କେବଳ ରାସ୍ତା ମରାମତି ପାଇଁ ବର୍ଷକୁ ୭୦ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହା ସତ୍ତ୍ୱେ ରାସ୍ତାର ମାନରେ ଉନ୍ନତି ଆସିପାରୁ ନାହିଁ। ନୂଆ କରି ନିର୍ମାଣ ହୋଇଥିବା ରାସ୍ତା ବି ଅଳ୍ପ ଦିନ ମଧ୍ୟରେ ଜରାଜୀର୍ଣ୍ଣ ହେଉଛି।

ସଡ଼କ ଦୁର୍ଘଟଣା ପାଇଁ ମଧ୍ୟ ଅନେକାଂଶରେ ଦାୟୀ। ତେବେ ହ୍ୱାଇଟ୍ ଟପିଂ ହେଉଛି ଏକ ଅଭିନବ କୌଶଳ ଯାହା ନିର୍ମାଣ ହେବାର ୨୦ ବର୍ଷ ପର୍ଯ୍ୟନ୍ତ ମରାମତି ଆବଶ୍ୟକ ପଡ଼ିବ ନାହିଁ।

ଆଇଆଇଟି, ଭୁବନେଶ୍ୱର ସ୍କୁଲ ଅଫ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍‌ର ଆସୋସିଏଟ୍ ପ୍ରଫେସର ଡଃ ପି ଦିନାକର କହିଛନ୍ତି, ଗତ ୫୦ ବର୍ଷ ଧରି ଆମ ଦେଶରେ ମୁଖ୍ୟତଃ ପିଚୁ ରାସ୍ତା ନିର୍ମାଣ ହେଉଛି। ତେବେ ଏହା ଆୟୁଷ ବହୁତ କମ୍ ହୋଇଥିବା ବେଳେ ମରାମତି ପାଇଁ ବିପୁଳ ଅର୍ଥ ଦରକାର ହେଉଛି। ଏହା ବ୍ୟତିତ ବ୍ୟସ୍ତବହୁଳ ରାସ୍ତାର ମରାମତି କରିବା ଯୋଗୁଁ ସମସ୍ୟା ହେଉଛି। ଏହାର ଉପଯୁକ୍ତ ସମାଧାନ ହେଉଛି ହ୍ୱାଇଟ୍ ଟପିଂ କୌଶଳର ଉପଯୋଗ। ଏହା ମୁଖ୍ୟତଃ କଂକ୍ରିଟ୍ ରାସ୍ତାକୁ ବୁଝାଇଥାଏ। ଏହାର ଅନେକ ବିଶେଷତ୍ୱ ରହିଛି। ଏହା ପରିବେଶ ଅନୁକୂଳ ହୋଇଥିବା ବେଳେ ଦୀର୍ଘ ଦିନ ପର୍ଯ୍ୟନ୍ତ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ନ ଥାଏ। ହ୍ୱାଇଟ୍ ଟପିଂ ରାସ୍ତା ଖୁବ୍ କମ୍ ମରାମତି ଆବଶ୍ୟକ କରିଥାଏ। ପୁରୁଣା ପିଚୁ ରାସ୍ତା ଉପରେ କଂକ୍ରିଟ୍‌ର ଏକ ସ୍ତର ଦିଆଯାଇଥାଏ। ସମଗ୍ର ଦେଶରେ ୧୦୦୦ କିମିରୁ ଅଧିକ ହ୍ୱାଇଟ ଟପିଂ ରାସ୍ତା ନିର୍ମାଣ କରାଯାଇଛି।

ଏହି ରାସ୍ତା ସୁରକ୍ଷିତ ହେବା ସହ ଅଧିକ ସୁନ୍ଦର ଦେଖାଯାଇଥାଏ। ମୁମ୍ବାଇ, ଥାନେ, ନାଗପୁର, ପୁନେ, ବେଙ୍ଗାଲୁରୁ, କାନପୁର ଆଦି ସହରରେ ହ୍ୱାଇଟ୍ ଟପିଂ ରାସ୍ତା ସଫଳତାର ସହ ନିର୍ମାଣ କରାଯାଇଛି।

ତେଣୁ ଓଡ଼ିଶା ସରକାର ପ୍ରଥମେ ଭୁବନେଶ୍ୱରରେ ହ୍ୱାଇଟ୍ ଟପିଂ ରାସ୍ତା ନିର୍ମାଣ କରିବା ଆବଶ୍ୟକ ବୋଲି ଡଃ ଦିନାକର କହିଛନ୍ତି।